## ପଞ୍ଚଦିବସୀୟ ବସନ୍ତ ସମାରୋହ ଉଦ୍‌ଯାପିତ

# 'ସଂଗୀତ ସାଧନା ଦ୍ୱାରା ମନୁଷ୍ୟ ନିରୋଗ ରୁହେ'




ରାଉରକେଲା, ୨୧।୩(ସମିସ)

ମ୍ୟୁଜିକ୍ ସର୍କଲ ଆୟୋଜିତ ପଞ୍ଚ ଦିବସୀୟ ବସନ୍ତ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ସଭାପତି ଇଂ ପ୍ରତାପ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଚେମ୍ବର ଅଫ୍ କମର୍ସର ସଭାପତି ସୁନୀଲ କାୟଲ ଯୋଗ ଦେଇ କହିଲେ ସଂଗୀତ ହିଁ ମଣିଷର ଜୀବନର ଲୋମେ ଲୋମେ ଝଂକୁରିତ । ନିୟମିତ ସଂଗୀତର ରିଆଜ୍ ଏବଂ ସାଧନା ଦ୍ୱାରା ମନୁଷ୍ୟ ନିରୋଗ ରହିଥାଏ । କଳା ସଂଗୀତକୁ ଉଜ୍ଜିବିତ କରିବାରେ ମ୍ୟୁଜିକ ସର୍କଲର ନିରନ୍ତର ପ୍ରୟାସକୁ ସେ ସାଧୁବାଦ ଦେଇଥିଲେ । ସମ୍ମାନିତ ଅତିଥି ହାଇଟେକ୍ ମେଡିକାଲ୍ କଲେଜର ସୁପରିଟେଣ୍ଡେଣ୍ଟ ତଥା ଆରଜିଏଚର ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ଓଡିଶୀ ସଂଗୀତ ଓଡିଶୀ ନୃତ୍ୟର ବିଶ୍ୱ ପ୍ରସିଦ୍ଧି ଉପରେ ବିଷଦ ଭାବେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ 'ସକାଳ' ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଯୋଗଦେଇ ବସନ୍ତ ଆଗମନରେ କିପରି ପ୍ରକୃତିରାଣୀ ନବପଲ୍ଲବିତ ହୋଇ ସଜେଇ ହୋଇ କବି ଭାବୁକଙ୍କୁ ସମ୍ମୋହିତ କରିଛି ସେ ବିଷୟରେ ଆଲୋଚନା କରିବା ସହ ଅବକ୍ଷୟମୁଖୀ ଭାରତୀୟ ସଂସ୍କୃତିରେ ମାନବୀୟ ମୁଲ୍ୟବୋଧ ହ୍ରାସ ପାଉଛି ବୋଲି କହିଥିଲେ । ଅଳକା ଚାନ୍ଦଙ୍କ କଠିନ ପ୍ରୟାସ ଏବଂ ପ୍ରଚେଷ୍ଟାର ଫଳସ୍ୱରୂପ ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ମ୍ୟୁଜିକ୍ ସର୍କଲ ମାଧ୍ୟମରେ କଳା ସଂସ୍କୃତିକୁ ବଞ୍ଚାଇ ରଖିଛନ୍ତି ସେ ବିଷୟରେ ବର୍ଣ୍ଣନା କରିଥିଲେ । ସଭାପତି ଇଂ. ଅଭୟ କୁମାର ଦାସ ପ୍ରମୁଖ ଉଦ୍‌ଘାନ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଋତୁପର୍ଣ୍ଣା ଶ୍ରୀଚନ୍ଦନ, ସନ୍ତୋଷ ମଲ୍ଲିକ, ରାଜଲକ୍ଷ୍ମୀ କବି, ଅଙ୍କିତା ବେହେରା ଏବଂ ଦେବବ୍ରତ ସାମଲ ସୁଗମ ସଙ୍ଗୀତ ଗାନ କରିଥିଲେ । ପୁରୀ ରଘୁରାଜପୁରରୁ ଆସିଥିବା ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିବାବେଳେ ଗଜେନ୍ଦ୍ର ମୁର୍ମୁ ଏବଂ ସାଥୀ ଆଦିବାସୀ ନୃତ୍ୟ ଏବଂ ମ୍ୟୁଜିକ୍ ସର୍କଲ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ବଂଶୀରେ ଗୁରୁଶ୍ରୀ ନରେନ୍ଦ୍ର ନାୟକ ସହାୟତା କରିଥିଲେ । ସ୍ପ୍ରିଂଭ୍ୟାଲି ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିନ୍ଦିତା ମାଇତି, ସୁନୀତା ସିଂହ, ଗୁଡିଆ ସଂସାରୀ ଏବଂ ସୋନାଲୀ ଦାସ, ଅନୁଷ୍ଠାନର କର୍ମକର୍ତ୍ତା ଉପସଭାପତି ଲାଇନ ରାକେଶ ସିଂହ, ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, ଉପଦେଷ୍ଟା ଲକ୍ଷ୍ମଣ ନାଥ ଦାସ, ପିକେ ନାତୁଲ୍ୟ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ସଂଗଠନ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ ।



## ଜାତୀୟ ରାଜପଥରୁ ବୃଦ୍ଧଙ୍କ ରକ୍ତାକ୍ତ ଶବ ଉଦ୍ଧାର

**ରାଉରକେଲା, ୨୧।୩(ସମିସ):** ଲାଠିକଟା ଥାନା ନୈନି ଟୁଙ୍ଗୁରିଟୋଲା କଲଭର୍ଟ ନିକଟ ୧୪୩ ନମ୍ବର ଜାତୀୟ ରାଜପଥରୁ ଜଣେ ବୃଦ୍ଧଙ୍କ ରକ୍ତାକ୍ତ ଶବ ଉଦ୍ଧାର କରାଯାଇଛି । କୌଣସି ଗାଡ଼ି ଦୁର୍ଘଟଣା ଯୋଗୁଁ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ମୃତ ବୃଦ୍ଧଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ମାନସିକ ବିକୃତ ବୋଲି ଚର୍ଚ୍ଚା ହେଉଛି ।

## ଅଦିନିଆ ବର୍ଷାରେ ଭାଙ୍ଗିଲା ଘର; ବର୍ତ୍ତିଗଲେ ବାପ-ପୁଅ



**ବଣାଇଁ, ୨୧।୩(ସମିସ):** ଗତ ଦୁଇଦିନ ଧରି ବଣାଇଁ ଅଞ୍ଚଳରେ ଅଦିନିଆ ଝଡ଼ ବର୍ଷାର ପ୍ରକୋପ ଦେଖିବାକୁ ମିଳିଛି । ଏହା ପ୍ରଭାବରେ ବଣାଇଁ ଉପଖଣ୍ଡ ଲହୁଣିପଡ଼ା ବ୍ଲକ କୁର୍ଡା ପଞ୍ଚାୟତ ଟାଙ୍କଯୋଡା ଗ୍ରାମରେ ଅଦିନିଆ ଝଡ଼ ବର୍ଷା ଯୋଗୁଁ ଜଣକ ଘର ଭାଙ୍ଗି ଯାଇଥିବାବେଳେ ଏଥିରୁ ଅଳ୍ପକେ ବର୍ତ୍ତିଛନ୍ତି ବାପପୁଅ । ସୂଚନା ଅନୁସାରେ ଟାଙ୍କଯୋଡା ଗ୍ରାମରେ ବସବାସ କରୁଥିବା ଦେବାଚନ ମୁଣ୍ଡା ଓ ତାଙ୍କର ପୁଅ ଶ୍ରଦ୍ଧାମୁଣ୍ଡା ଗତକାଲି ରାତିରେ ଘରେ ଶୋଇଥିବା ବେଳେ ଝଡ଼ ବର୍ଷାରେ ଘରର ମାଟି କାନ୍ଥ ଭାଙ୍ଗି ଯିବା ସହିତ ଘରର କାଠ, ଛପର, ସବୁଘର ଭିତରେ ମାଡି ବସିଥିଲା । ଫଳରେ ବାପା ଓ ପୁଅ ଘରଭିତରୁ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ । ଫଳରେ ଉଭୟ ସମ୍ଭାବ୍ୟ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ତେବେ ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ ଉକ୍ତ ପରିବାର ଅତ୍ୟନ୍ତ ଗରିବଶ୍ରେଣୀର ହୋଇଥିବାରୁ ବର୍ତ୍ତମାନ ବସବାସ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ସରକାରଙ୍କ ପକ୍ଷରୁ ଉକ୍ତ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଆର୍‌ଏସ୍‌ପିରେ ସ୍ୱଚ୍ଛତା ଶପଥ ଓ ସଫେଇ କାର୍ଯ୍ୟକ୍ରମ



**ରାଉରକେଲା, ୨୧।୩(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାରେ ଆୟୋଜିତ ହୋଇଥିବା ସ୍ୱଚ୍ଛତା ଅଭିଯାନରେ ବିଭିନ୍ନ ୟୁନିଟରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ବହୁ ସଂଖ୍ୟକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । କାର୍ମିକ ଓ ପ୍ରଶାସନ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ଶପଥଗ୍ରହଣ ସମାରୋହରେ ହିନ୍ଦୀ, ଓଡିଆ ଏବଂ ଇଂରାଜୀ ଭାଷାରେ ଶପଥ ନିଆଯାଇଥିଲା, ଯେଉଁଥିରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହି ଅଭିଯାନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସାଧାରଣ ପ୍ରଶାସନ ବିଭାଗରେ ୧୦୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଉତ୍ସବରେ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗରେ ଆୟୋଜିତ ହୋଇଥିବା ଅନ୍ୟ ଏକ ଶପଥ କାର୍ଯ୍ୟକ୍ରମରେ ଟି ଆଣ୍ଡ ଆର୍ ଏମ୍ ବିଭାଗର ଜିଏମ ଇନ୍‌ଚାର୍ଜ ହିରାଲାଲ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଅଗ୍ନିଶମ ବିଭାଗର ଜିଏମ ଜେ ବି ପଟ୍ଟନାୟକ ପରିଚାଳନା କରିଥିଲେ । ଏହି ଅବସରରେ ବରିଷ୍ଠ ଅଧିକାରୀ ଏବଂ ୫୦ରୁ ଅଧିକ କର୍ମଚାରୀ ସଫେଇ ଅଭିଯାନରେ ସାମିଲ ହୋଇଥିଲେ । ସେହିଭଳି ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ଜିଏମ ଇନ୍‌ଚାର୍ଜ ପିକେ ମହାପାତ୍ର ବ୍ଲାଷ୍ଟ ଫର୍ଣ୍ଣେସର କର୍ମଚାରୀଙ୍କୁ ସ୍ୱଚ୍ଛତା ସଂକଳ୍ପ ପାଠ କରାଇଥିଲେ । ଏହି ସଂକଳ୍ପ ସମାରୋହ ଆୟୋଜନ କାର୍ମିକ ବିଭାଗ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ହଟ୍ ଷ୍ଟ୍ରିପ୍ ମିଲ୍ - ୨ରେ ମଧ୍ୟ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଥିଲା । ସିଜିଏମ୍ (ଏଚ୍‌ଏସ୍‌ଏମ୍-୨) ଆର୍‌କେ ମୁଦୁଲି ଏହି ଅଭିଯାନର ନେତୃତ୍ୱ ନେଇଥିଲେ ।

# ଆର୍‌ଏସ୍‌ପିକୁ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାର

**ରାଉରକେଲା, ୨୧।୩(ସମିସ):** ନୂଆଦିଲ୍ଲୀ ଠାରେ ଆୟୋଜିତ ଗ୍ଲୋବାଲ୍ କ୍ଲିନ୍ ଏନର୍ଜି ସମ୍ମିଳନୀ - ୨୦୨୪ରେ ଗ୍ଲୋବାଲ୍ ପରିବେଶ ପୁରସ୍କାର ଅନ୍ତର୍ଗତ ସେଲ୍‌ର, ରାଉରକେଲା ଇସ୍ପାତ କାରଖାନା (ଆରଏସପି)କୁ ପ୍ଲାଟିନମ୍ ପୁରସ୍କାର ପ୍ରଦାନ କରାଯାଇଛି । ଆର୍‌ଏସ୍‌ପି ତରଫରୁ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଭିଭି ଆର ମୂର୍ତ୍ତି ଏବଂ ବିଜିନେସ ଏକ୍ସଲେନ୍ସ ବିଭାଗର ଜିଏମ୍ ଅନୁବିନ୍ଦ ମହାନ୍ତି ଏହି ପୁରସ୍କାର ଗ୍ରହଣ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ଆରଏସ୍‌ପି ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା ଏବଂ ସର୍ବୋଚ୍ଚ ପୁରସ୍କାର ଅର୍ଥାତ୍ ପ୍ଲାଟିନମ୍ ପୁରସ୍କାର ଲାଭ କରିଥିଲା । ପ୍ରତ୍ୟେକ କ୍ଷେତ୍ରରେ ପରିବେଶ ପରିଚାଳନାରେ ଆର୍‌ଏସ୍‌ପିର ଉତ୍କୃଷ୍ଟ ପ୍ରୟାସର ଏକ ସ୍ୱୀକୃତି ଭାବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

ଆରଏସ୍‌ପି ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବ୍ୟାପକ ବାୟୁପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକ ମଧ୍ୟରେ ମଲ୍ଟି ସାଇକ୍ଲୋନ୍, ୱେଟ ସ୍କ୍ରବର୍, ବ୍ୟାଗ୍ ହାଉସ୍, ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର ଏବଂ ଡ୍ରାଇ ଫଗ୍ ସପ୍ରେସନ ବ୍ୟବସ୍ଥା ଇତ୍ୟାଦି ଅନ୍ତର୍ଭୁକ୍ତ । ପ୍ଲାଣ୍ଟ ନିର୍ଗମନ ଉପରେ ନଜର ରଖିବା ଏବଂ ନିୟନ୍ତ୍ରଣ କରିବା ପାଇଁ ଅତ୍ୟାଧୁନିକ ପ୍ରଣାଳୀ ଯେପରିକି ଅନଲାଇନ୍ ଆମ୍ବିଏଣ୍ଟ୍ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ୍ ଏବଂ ଅନଲାଇଇନ୍ କଣ୍ଟିନ୍ୟୁୟସ ଷ୍ଟାକ ଏମିସନ ମନିଟରିଂ ସିଷ୍ଟମ୍ ପରିଚାଳନା କରୁଛି । ପରିବେଶ ପ୍ରତି ଅଙ୍ଗୀକାରବଦ୍ଧତାକୁ ଜାରିରଖି ଆରଏସ୍‌ପି ସକ୍ରିୟ ଭାବେ ମହତ୍ତ୍ୱପୂର୍ଣ୍ଣ ଜିରୋ ଲିକ୍‌ୱିଡ୍ ଡିସଚାର୍ଜ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି । ବର୍ଜ୍ୟଗ୍ୟାସ ପୁନରୁଦ୍ଧାର ପ୍ରଣାଳୀର ପ୍ରୟୋଗ କାରଖାନାକୁ ସବୁଜ ଶକ୍ତି ଉତ୍ପାଦନ କରିବାରେ ସକ୍ଷମ କରିଛି, ଯେପରି ବ୍ଲାଷ୍ଟ ଫର୍ଣ୍ଣେସର ଟପ୍ ରିକଭରୀ ଟର୍ବୋ ୫ ନମ୍ବର ଜେନେରେଟର, କୋକ୍ ଓଭେନ ବ୍ୟାଟେରୀ ସିଡିସିପିରେ ବ୍ୟାକ୍ ପ୍ରେସର ଟର୍ବୋ ଜେନେରେଟର ଏବଂ ୫ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ୍ ବର୍ଜର୍ ଗ୍ୟାସ ବ୍ୟବହାର କରୁଥିବା ପିବିଏସ୍‌ରେ ଶକ୍ତି ଉତ୍ପାଦନ ଇତ୍ୟାଦି । କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ, ଆରଏସ୍‌ପି ଉତ୍ସରୁ ମୌଳିକ କଞ୍ଚାମାଲ ବ୍ୟବହାର ହ୍ରାସ କରିବା ଉପରେ ପ୍ରାଥମିକ ଭାବରେ ଧ୍ୟାନ ଦେଇ ୪ ଆର ଅର୍ଥାତ୍ ରିଡ୍ୟୁସ୍, ରିସାଇକେଲ ଏବଂ ରିକଭର ନୀତି ଗ୍ରହଣକରିଛି । ଏହି ରଣନୀତିକ ଉପାୟ କେବଳ ସମ୍ବଳ ବ୍ୟବହାରକୁ କମ୍ କରି ନାହିଁ ବରଂ ବର୍ଜ୍ୟବସ୍ତୁ ନିଷ୍କାସନ ସହିତ ଜଡିତ କ୍ଷତିକାରକ ପ୍ରଭାବରୁ ପରିବେଶକୁ ରକ୍ଷା କରିଛି । ସବୁଜିମାକୁ ପରିବ୍ୟାପ୍ତ କରିବା ଉଦ୍ଦେଶ୍ୟରେ, ଆରଏସପି ପ୍ରାୟ ୫୨ ଲକ୍ଷ ଚାରା ରୋପଣ କରି ଉଭୟ ଇସ୍ପାତ କାରଖାନା ପରିସର ଏବଂ ଇସ୍ପାତ ସହରାଞ୍ଚଳ ମଧ୍ୟରେ ୪୦ ଟି ସୁନ୍ଦର ବଗିଚା ଏବଂ ପାର୍କ ବିକଶିତ କରି ବ୍ୟାପକ ବନୀକରଣ ପ୍ରୟାସ କରୁଥିବା ଜଣାପଡ଼ିଛି ।



# ମାର୍ଚ୍ଚ ୨୩ରୁ ଜାତୀୟ ନାଟକ ମହୋତ୍ସବ

**ରାଉରକେଲା, ୨୧।୩(ସମିସ):** ପ୍ରତିବର୍ଷ ପରି ଚଳିତ ବର୍ଷ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ବିଶ୍ୱନାଟ୍ୟ ଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ଆସନ୍ତା ମାର୍ଚ୍ଚ ୨୩ ରୁ ୨୭ ପର୍ଯ୍ୟନ୍ତ ସ୍ଥାନୀୟ ମ୍ୟୁଜିକ ସର୍କଲ ଠାରେ ଆୟୋଜନ କରିବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କଲ୍‌ଚରାଲ ଏକାଡେମୀଠାରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଆସନ୍ତା ୨୩ ତାରିଖ ଦିନ ନୂଆଦିଲ୍ଲୀର ପଞ୍ଚକୋଷୀ ଅନୁଷ୍ଠାନର ହିନ୍ଦୀ ଚଳଚ୍ଚିତ୍ର ଜଗତର ସୁନାମଧନ୍ୟ ଅଭିନେତାମାନେ ନାଟକ 'ଦି ଜୁ ଷ୍ଟୋରୀ'କୁ ମଞ୍ଚସ୍ଥ କରିବେ । ୨୪ ତାରିଖ ଦିନ ରାଉରକେଲା 'ସମ୍ପର୍କ' ଅନୁଷ୍ଠାନର କଳାକାରମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ନାଟକ 'ଭାବ ବିନୋଦିଆ କଳା ଠାକୁର' ମଞ୍ଚସ୍ଥ କରିବେ । ୨୫ ତାରିଖ କଲିକାତାର ଇପ୍‌ଟା ନାଟ୍ୟାନୁଷ୍ଠାନ ମହାଭାରତ କାହାଣୀ ଉପରେ ଆଧାରିତ ନାଟକ 'କ୍ରିଷ୍ଣା' ଓ ୨୬ ତାରିଖ ଦିନ ମୁମ୍ବାଇର କେଆଇଟିଇ ଷ୍ଟୁଡିଓର କଳାକାରମାନେ ହିନ୍ଦୀ ନାଟକ 'ଖୋୟା ହୁଆ ଆଦମୀ' ମଞ୍ଚସ୍ଥ କରିବେ । ୨୭ ତାରିଖ ଦିନ ଭୁବନେଶ୍?ରର ଅଜିତ ନାଟ୍ୟାନୁଷ୍ଠାନ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ଜଗତର ଅଭିନେତା ଅଭିନେତ୍ରୀଙ୍କୁ ନେଇ ମଞ୍ଚସ୍ଥ କରିବ ନାଟକ 'ଏକା' । ସେହିପରି ନାଟକ ମଞ୍ଚସ୍ଥ ପରେ ପ୍ରତିଦିନ ଦର୍ଶକ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦର୍ଶକମାନେ ନିର୍ଦ୍ଦେଶକ ଓ ଅଭିନେତାଙ୍କୁ ଯଥୋଚିତ ପ୍ରଶ୍ନ ପଚାରି ପୁରସ୍କୃତ ହେବେ । ୨୫ ତାରିଖ ଦିନ ଅପରାହ୍ନ ୨ଟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକକ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୨୭ ତାରିଖ ଦିନ ସକାଳ ୮ଟାରେ ସମ୍ପର୍କ ଓ ଏକତ୍ର ରାଉରକେଲାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଛେଣ୍ଡ ଛକରୁ ମ୍ୟୁଜିକ ସର୍କଲ ଯାଏଁ ବିଶାଳ ରଙ୍ଗାରଙ୍ଗ ନାଟ୍ୟ ପଦଯାତ୍ରା ଅନୁଷ୍ଠିତ ହେବ । ପରେ ଦଳଗତ ନୃତ୍ୟ ପ୍ରତିଯୋଗିତା ଓ ସମ୍ମାନ ଆୟୋଜିତ ହେବ । ୨୩ ତାରିଖ ଦିନ ଅନୁଷ୍ଠାନର ମୁଖପତ୍ର 'ନାଟ୍ୟଚର୍ଚ୍ଚା'ର ବିଶ୍ୱ ନାଟ୍ୟ ବିଶେଷାଙ୍କ ଉନ୍ମୋଚନ ହେବ । ଉଦ୍‌ଘାଟନୀ ଉତ୍ସବରେ ଆର୍‌ଏସପିର ସିଇଓ ଅତନୁ ଭୌମିକ ଓ ଉଦ୍‌ଯାପନୀ ଉତ୍ସବରେ ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର୍ ସୂର୍ଯ୍ୟବଂଶୀ ଅତିଥି ଭାବେ ଯୋଗ ଦେବେ । ଏହି ଅବସରରେ ଏସ ଆର୍ ସୂର୍ଯ୍ୟବଂଶୀଙ୍କୁ 'ନାଟ୍ୟବନ୍ଧୁ ସମ୍ମାନ', ଏନ୍ ଏସ୍ ଡିଆନ, ପରାଗ ଶର୍ମା ଓ ସୁମନ ବୈଦ୍ୟ, ନାଟ୍ୟକାର ମାୟା ଦାସ, ଅଭିନେତା ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ଅଭିନେତା ମୂରଲୀଧର ଦାସ ଓ ଅଭିନେତ୍ରୀ ପ୍ରସ୍ମିକା ପଟ୍ଟନାୟକଙ୍କୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯିବ । ସଂଗଠନ ସମ୍ପାଦକ ସୁରେନ୍ଦ୍ର ପାତ୍ରୀ ଧନ୍ୟବାଦ ଅର୍ପଣ କରିଥିଲାବେଳେ ସାଂସ୍କୃତିକ ସମ୍ପାଦିକା ସୁଦେଷ୍ଣାରାଣୀ ରାଉତ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ନୃସିଂହ ମହାନ୍ତି, ପ୍ରଳୟ ଶତପଥୀ, ପୁଷ୍ପା ବିଶୋଇ, ସୁରଭି ରଣା, ତ୍ରିପତୀ ନାରାୟଣ ମିଶ୍ର, ଅଶୋକ ବଳ, ଡ. ସମର ମୁଦାଲି, କୈଳାସ ପାଣିଗ୍ରାହୀ, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଅକ୍ଷୟ ସାମଲ, ଉମାକାନ୍ତ ବିଶୋଇ, ମନୋରଞ୍ଜନ ବକ୍ସି, ଭାଗ୍ୟଧର ଜେନା, ପଞ୍ଚାନନ ପାତ୍ର, ବିବେକାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



## ସାହିତ୍ୟ ଘର ପକ୍ଷରୁ ପଖାଳ ଦିବସ ପାଳିତ



**ରାଉରକେଲା, ୨୧।୩(ସମିସ):** ସ୍ଥାନୀୟ ସେକ୍ଟର -୨ସ୍ଥିତ ଏକ ରେସ୍ତୋରାଁରେ ସାହିତ୍ୟ ଘର ପକ୍ଷରୁ ପଖାଳ ଦିବସ ପାଳିତ ହୋଇଛି । ଅନୁଷ୍ଠାନର ସଭାପତି ଇଂ ଆଲୋକ ରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ପଖାଳ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି କହିଲେ ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପଖାଳ ଭୋଗ ଅର୍ପଣ କରିବାର ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସିଛି । ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ପ୍ରାରମ୍ଭିକ ସୂଚନା ଦେଇ କହିଲେ ଓଡ଼ିଶା ପୁରପଲ୍ଲୀରେ ଘରେ ଘରେ ପରିଚିତ ପଖାଳ କେବଳ ମାତ୍ର ଏକ ଖାଦ୍ୟ ଭାବରେ ନୁହେଁ ବରଂ ଏହା ଆମ ଉତ୍କଳୀୟ ସଂସ୍କୃତିରେ ପରିଣତ ହୋଇଯାଇଛି । ସାମ୍ବାଦିକ ଜ୍ଞାନ ରଞ୍ଜନ ମିଶ୍ର କହିଲେ ଓଡ଼ିଶାର ସାମାଜିକ ବ୍ୟବସ୍ଥା ଏବଂ ଦୈନନ୍ଦିନ ଜୀବନରେ ପଖାଳ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ତ୍ରିପାଠୀ ସଂଯୋଜନା କରିଥିଲେ । ଅନୁଷ୍ଠାନର ସହ କୋଷାଧ୍ୟକ୍ଷ ତ୍ରିଲୋଚନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ମହାରଣା, ବସନ୍ତ କୁମାର ସ୍ୱାଇଁ, କିଶୋର ଚନ୍ଦ୍ର ଦାସ, ନିବେଦିତା ସ୍ୱାଇଁ, ପ୍ରଣତି ବେହେରା, ଡାକ୍ତର ଲକ୍ଷ୍ମୀକାନ୍ତ ବିଶ୍ୱାଳ, ପ୍ରାକ୍ତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ପ୍ରାକ୍ତନ ମୁଖ୍ୟ ମହା ପ୍ରବନ୍ଧକ ବିମଳ ବିଶି, ଡାକ୍ତର ତରୁଣାଦିତ୍ୟ ମିଶ୍ର, ଆଲୋକ ବୋଷ, ନିରଞ୍ଜନ ସାମଲ, ଅକ୍ଷୟ କୁମାର ଭୋଇ, ଅଭିମନ୍ୟୁ ବେହେରା, ରଙ୍ଗାଧର ଦାଶ, ହେମନ୍ତ କୁମାର ସାହୁ, ସଞ୍ଜିତ କୁମାର ନାଏକ, ଅଜୟ କୁମାର ପୂଜାରୀ, ଚିତ୍ତ ରଞ୍ଜନ ମିଶ୍ର, ନିହାର ରଞ୍ଜନ ପରିଜା, ବିରଞ୍ଚି କୁମାର ବେଉରା, ଆର୍ଯ୍ୟନ ପ୍ରିୟଦର୍ଶୀ, ମଧୁସ୍ମିତା ଦାସ, ସୁନୀଲ ବେହେରା, ବାବୁଲି କୁମାର ବେହେରା, ହିମାଂଶୁ ଶେଖର ଦାସ, ଡାକ୍ତର ସୁରେନ୍ଦ୍ର କୁମାର ଉପସ୍ଥିତ ଥିଲେ ।

## ବର୍ଷାହେଲେ ବଢୁଛି ଲୋକଙ୍କ ସମସ୍ୟା

# ମନ୍ଥର ଗତିରେ ମରାମତି କାମ



ବଣାଇଁ, ୨୧।୩(ସମିସ)

ବଣାଇଁ ସହର ମୁସଲିମ ବସ୍ତି ଦେଇ କନ୍ତଯୋଡିକୁ ସଂଯୋଗ କରୁଥିବା ରାସ୍ତା ଟି ଏବେ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି । ଅସରାଏ ବର୍ଷା ହେଲେ ରାସ୍ତା ଉପରେ ବାଇକ୍ କିମ୍ବା ଚାରିଚକିଆ ଯାନ ଯିବା କଷ୍ଟକର ହୋଇପଡୁଛି । ସୋମବାର ଏବଂ ଗୁରୁବାର ବଣାଇର ସାପ୍ତାହିକ ହାଟ ଥିବାବେଳେ ଆଖପାଖ ଅଞ୍ଚଳର ଅଧିକାଂଶ ଲୋକେ ଏହି ରାସ୍ତା ଉପରେ ନିର୍ଭର କରି ଯିବା ଆସିବା କରିଥାନ୍ତି । କିନ୍ତୁ ଦୀର୍ଘ ଦିନ ହେବ କଂକ୍ରିଟ ସବୁ ଉଠିଯାଇ ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇଥିବା ବେଳେ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୫ ଲକ୍ଷ ୭୧ ହଜାର ଟଙ୍କାର ବ୍ୟୟ ଅଟକଳରେ ରାସ୍ତାରେ ମରାମତି କାମ ଆରମ୍ଭ କରାଯାଇଛି । କଂକ୍ରିଟ ଉଠି ଖାଲ ଖମା ହୋଇଥିବା ରାସ୍ତା ଉପରେ ଅଳ୍ପ ପରିମାଣର ବାଲି ଦେଇ ତା ଉପରେ ପେଭର ପକା ଯାଉଥିବା ବେଳେ ଏହାକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ । କଂକ୍ରିଟ ଖୋଳା ନ ଯାଇ ରାସ୍ତା ଉପରେ ବାଲି ଦେଇ ପେଭର ବିଛା ହେବାଫଳରେ ରାସ୍ତାର ଉଚ୍ଚତା ବୃଦ୍ଧି ହେବାରୁ ବର୍ଷାପାଣି ସବୁ ଘର ଭିତରେ ପଶିବାର ସମ୍ଭାବନା ରହିଛି । ତେଣୁ ରାସ୍ତା ଖୋଳି ସମତୁଲ ଅବସ୍ଥାରେ ପେଭର ପକାଇବାକୁ ଦାବି କରିଛନ୍ତି ଲୋକେ । କିନ୍ତୁ ରାସ୍ତା ମରାମତି କାର୍ଯ୍ୟମନ୍ଥର ଗତିରେ ଚାଲିଥିବାରୁ ଦୁଇ ଦିନ ଧରି ଲାଗିରହିଥିବା ଝଡ଼ ବର୍ଷାରେ ଏହି ରାସ୍ତା ଉପରେ ପାଣି ଜମି କର୍ଦ୍ଦମାକ୍ତ ହୋଇ ଥିବା ବେଳେ ସେହି ରାସ୍ତାଦେଇ ଯିବା ଆସିବା କରୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟକୁ ଧ୍ୟାନ ଦେବା ସହିତ ଅତିଶିଘ୍ର କାର୍ଯ୍ୟସମ୍ପନ୍ନ କରିବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି । ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାରୁ ଚଳିତମାର୍ଚ୍ଚ ଶେଷସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓କୃଷ୍ଣପ୍ରୀୟା ମିଶ୍ର

ଆବିର୍ଭାବ: ୦୧.୦୮.୧୯୪୪ | ତିରୋଧାନ: ୧୭.୦୩.୨୦୨୨

ତିଥିରେ ଆଜିକୁ ଦୁଇ ବର୍ଷ ର ତୋର ଆବର୍ତ୍ତମାନର ଦୁଃଖ ଯନ୍ତଣା ଆମକୁ ଆନ୍ଦୋଳିତ କରୁଛି । ତୁ ଆମ ପାଇଁ ମାର୍ଗ ଦର୍ଶନ କରିବା ସହିତ ତୋ ପଦାଙ୍କ ଅନୁସରଣ ପାଇଁ ଆଶୀର୍ବାଦ କରୁଥା, ଏତିକି ତୋ ପାଖରେ କାମନା ।

ଶୋକସନ୍ତପ୍ତ :- ପୁତ୍ର-ଶମ୍ଭୁ ପ୍ରସାଦ, ଶକ୍ତି ପ୍ରସାଦ, ଝିଅ-ସଂଘମିତ୍ରା, ସ୍ୱର୍ଣ୍ଣମିତ୍ରା, ସୁଖମିତ୍ରା ଓ ଲୁନା ଓ ପରିବାରବର୍ଗ ।

# ୪୨ତମ ଫାଲ୍‌ଗୁନ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା, ୨୧।୩(ସମିସ):** ବିଶ୍ରା ଡାହାର ରୋଡସ୍ଥିତ ଶ୍ୟାମ ମନ୍ଦିରର ୪୨ତମ ଫାଲଗୁନ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଗୁରୁବାର ଶେଷ ଦିନରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାଡଖଣ୍ଡର ଧାନବାଦରୁ ପରିତୋଷ ଏବଂ ମିନି, କଲିକତାରୁ ଆସିଥିବା ଜୟଶଙ୍କର ଚୌଧୁରୀ, କୃଷ୍ଣା ଦଧୀଚି, ସ୍ଥାନୀୟ ଭଜନ ଗାୟକ ବିଶାଲ ଶର୍ମା ପ୍ରମୁଖ ଭଜନ ଗାନ କରିଥିଲେ। ଯେଉଁଥିରେ ହୋଲି ଆମା ଉଡେରେ, ଗୁଲାଲ ଶ୍ୟାମ ତେରେ ମନ୍ଦିର ମେଁ, ଶ୍ୟାମ ଧନି କୋ ଆଓରେ ବୁଲାଓ ଡୋରି ଖିଂଚକର ଆଖିର୍ ଜୋ ଇହ ଆୟୋରେ ଇତ୍ୟାଦି



ଭଜନ ଗାଇଥିଲେ। ଏହି କାର୍ଯ୍ୟକ୍ରମକୁ ନେଇ ରାଉରକେଲା, ରାଜଗାଙ୍ଗପୁର, ବୀରମିତ୍ରପୁର, ବିଶ୍ରା ସମେତ ଆଖପାଖ ଅଞ୍ଚଳରୁ ଶ୍ୟାମ ଭକ୍ତମାନେ ଶ୍ୟାମ ବାବାଙ୍କ ଆରତୀରେ ଅଂଶଗ୍ରହଣ କରିବା ସହିତ ପ୍ରସାଦ ସେବନ କରିଥିଲେ। ଶ୍ୟାମ ବାବା ମନ୍ଦିରର ଗୋବିନ୍ଦ ଅଗ୍ରୱାଲ, କମଳା ଦେବୀ ଅଗ୍ରୱାଲ, ରମେଶ ଅଗ୍ରୱାଲ, କିଷାନ ଅଗ୍ରୱାଲ, ନିରଞ୍ଜନ ସୋନି, ଗଜ୍ଜୁ ଶର୍ମା, ଭୀମ ବଂସଲ, ସଞ୍ଜୟ ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ସତ୍ୟପାଲ ଜିନ୍ଦଲ, ଦିଲୀପ ଶର୍ମା, ମୋହନ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପି ଅବସରପ୍ରାପ୍ତ ପ୍ରଶାସକ ପ୍ରସନ୍ନ ନନ୍ଦଙ୍କ ପରଲୋକ

**ରାଉରକେଲା, ୨୧।୩(ସମିସ):** ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ବରିଷ୍ଠ ତଥା ଅବସରପ୍ରାପ୍ତ ପ୍ରଶାସକ ପ୍ରସନ୍ନ କୁମାର ନନ୍ଦଙ୍କ ଭୁବନେଶ୍ୱରସ୍ଥିତ ସୁନ୍ଦରପଦା ବାସଭବନରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିଟକରେ ତାଙ୍କ ପତ୍ନୀ ଡା. ପ୍ରମିଳା ନନ୍ଦ, ତିନି ପୁତ୍ର, ପୁତ୍ରବଧୂ, ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ସୁନ୍ଦରପଦା ନିବାସୀ ଶ୍ରୀ ନନ୍ଦଙ୍କ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ବବିତ୍ ନନ୍ଦ ମୁଖାଗ୍ନି ଦେଇଥିଲେ। ଶେଷଶଯ୍ୟା ନିକଟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ ପରିଜନ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



# ଏନ୍‌ଆଇଟି ଛାତ୍ର ନିର୍ମାଣକଲେ ମାନବବିହୀନ ଅଣ୍ଡରୱାଟର ରୋବଟ୍





**ରାଉରକେଲା, ୨୧।୩(ସମିସ)**

ଅତୀତରେ ରାଉରକେଲା ଏନ୍‌ଆଇଟିର ଛାତ୍ରଛାତ୍ରୀ ଅନେକ ବୈଷୟିକ ତଥ୍ୟ ସମ୍ବଳିତ ନବସୃଜନ କରି ଦେଶ ବିଦେଶରେ ପାରଦର୍ଶିତା ଲାଭ କରି ଅସଂଖ୍ୟ ପ୍ରଶଂସା ସାଉଁଟିଥିବା ବେଳେ ଏବେ ସେମାନଙ୍କ ଦ୍ୱାରା ନିର୍ମିତ ଏକ ମାନବ ବିହୀନ ଅଣ୍ଡର ୱାଟର ରୋବଟ ରାଉରକେଲା ଏନ୍‌ଆଇଟିର ସଫଳତା ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ରାଉରକେଲା ଏନ୍‌ଆଇଟିର ୧୪ ଜଣ ଛାତ୍ର ନିର୍ମାଣ କରିଥିବା ଏହି ମାନବବିହୀନ ଅଣ୍ଡରୱାଟର ରୋବଟ୍ ଗଭୀର ଜଳଭିତରର ସ୍ଥିତି ଅନୁଧ୍ୟାନ କରିବା ସହ ନିରୀକ୍ଷଣ କରି ସଠିକ ତଥ୍ୟ ଦେବାରେ ସକ୍ଷମ ହେବ। ରାଉରକେଲା ଏନ୍‌ଆଇଟି ଏବଂ ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତାରେ ଷ୍ଟାର୍ଟ ଅପ୍ କୋରାସିଆ ଟେକ୍ନୋଲୋଜି ଦ୍ୱାରା ନିର୍ମିତ ହେଇଥିବା ମାନବବିହୀନ ଏହି ଅଣ୍ଡରୱାଟର ରୋବଟର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ ଯେ ଏହି ରୋବଟ୍‌ରେ ଅଣ୍ଡର ୱାଟର ଜିପିଏସ୍, ୩୬୦ ଡିଗ୍ରୀ କାମ କରୁଥିବା ଦୁଇଟି ହାଇଗ୍ରେଡର କ୍ୟାମେରା, ସୋନାର, ରୋବର୍ଟିକ ଆର୍ମ, ଏଲଇଡି ଲାଇଟ ଲାଗିଛି। ଏହି ଅଣ୍ଡରୱାଟର ରୋବଟ୍ ୪୫୦ରୁ ଅଧିକ ଗଭୀର ଜଳରସ୍ଥିତି ଅନୁଧ୍ୟାନ କରିବାକୁ ସକ୍ଷମ ଥିଲେ ମଧ୍ୟ ଏହି ରୋବଟ୍‌କୁ ତିନିଶହ ମିଟର ଗଭୀର ଜଳ ଭିତରକୁ ସଫଳତାର ସହ ପରୀକ୍ଷୀଣ କରାଯାଇଛି। ୧୪ ଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଛି କୋରୋସିଆ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ କମ୍ପାନୀ। ଅଣ୍ଡରୱାଟର ରୋବଟ୍ ପ୍ରଥମ ପାଇଲଟ ପ୍ରୋଜେକ୍ଟ ଭାବେ ମନ୍ଦିରା ଡ୍ୟାମ ସୁଇସ ଗେଟ୍ ସ୍ଥିତି ସଫଳତାର ସହ ଅନୁଧ୍ୟାନ କରିଥିଲା।

ପରେ ଇଣ୍ଡିଆନ ରେଲୱେ ମହାନଦୀ ଓ ରୁଶିକୁଲ୍ୟା ବ୍ରୀଜର ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାରାଦୀପ ଠାରେ ଆଇଓସିଏଲ ବ୍ରିଜର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଇଣ୍ଡିଆନ ନେଭି ପାଇଁ ଅଣ୍ଡର ୱାଟର ରୋବର୍ଟ ସମୁଦ୍ରର ୭୦ କିଲୋମିଟର ଦୁରତ୍ୱ ଯାଇ ସମୁଦ୍ରର ତିନି ଶହ ମିଟର ତଳକୁ ସଫଳତାର ସହ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ଅଣ୍ଡର ୱାଟର ରୋବର୍ଟ ମନ୍ଦିରା ଡ୍ୟାମର ସମ୍ପୂର୍ଣ୍ଣ ସ୍ଥିତି ଅନୁଧ୍ୟାନ କରିବା ସହ ଯାଜପୁର ଠାରେ ଥିବା ଏନଆଇଏନଏଲ ବ୍ରିଜର ସ୍ଥିତି ଅନୁଧ୍ୟାନ କରିଛି। ଅଣ୍ଡରୱାଟର ରୋବଟ୍ ଗୋଟିଏ ପରେ ଗୋଟିଏ ସଫଳତା ପାଇବା ପରେ ଓୟର ଫାଉଣ୍ଡର ୮୦ ଲକ୍ଷ ଟଙ୍କା ଅଗ୍ରୀମ ଦେଇ କମ୍ପାନୀର ଏକ ପ୍ରତିଶତ ସେୟାର ନେଇଥିବା କୋରୋସିଆ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ କମ୍ପାନୀର ସଦସ୍ୟ ଅନୁଭବ କହିଛନ୍ତି।

ଅଣ୍ଡର ୱାଟର ରୋବଟ ସମୁଦ୍ର ଓ ନଦୀ ଭିତରର ତଳ ସ୍ଥିତି କଣ ରହିଛି ତାହାର ସ୍ଥିତି ଅନୁଧ୍ୟାନ କରି ପାରୁଛି। ଏହାସହ କିଏ ବୁଡ଼ିଗଲେ ଉଦ୍ଧାର କରିବାରେ ସାହାଯ୍ୟ କରି ପାରୁଛି। ସମୁଦ୍ରରେ ଚାଲୁଥିବା ଜାହାଜର ଭିତରର ସ୍ଥିତି କଣ ରହିଛି ଅନୁଧ୍ୟାନ କରିବା, ପାଣି ଭିତରେ ଥିବା ପାଇପ ଲାଇନ, କେବଲ ସ୍ଥିତି ଅନୁଧ୍ୟାନ କରିବାରେ ସକ୍ଷମ ହେଉଛି। ଏହାସହ ବ୍ରୀଜ ତଳର ସ୍ଥିତି ଅନୁଧ୍ୟାନ କରିବା, ଡ୍ୟାମ ତଳର ସ୍ଥିତି ଅନୁଧ୍ୟାନ କରିବାରେ ସକ୍ଷମ ହେଉଛି ବୋଲି ଟିମ୍ ସଦସ୍ୟ ପ୍ରସାଦ ପାତ୍ର କହିଛନ୍ତି। ରାଉରକେଲା ଏନଆଇଟି ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତାରେ ଷ୍ଟାର୍ଟ ଅପ୍ କୋରାସିଆ ଟେକ୍ନୋଲୋଜିର ଏହି ମାନବବିହୀନ ଏହି ଅଣ୍ଡର ୱାଟର ରୋବଟ୍ ନିର୍ମାଣ କରିବାରେ ସକ୍ଷମ ହୋଇ ପାରିଛନ୍ତି ବୋଲି ଏନ୍‌ଆଇଟି, ଷ୍ଟାର୍ଟଅପ୍ ସଭାପତି ଡ. ମନୋଜ କୁମାର ମିଶ୍ର କହିଛନ୍ତି।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଅର୍ଥନୀତି ଦିବସ ପାଳିତ



**ରାଉରକେଲା, ୨୧।୩(ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଅର୍ଥନୀତି ଦିବସ ପାଳିତ ହୋଇଯାଇଛି। ଗତ ୨୦୨୦ ରୁ ୨୦୨୨ ଆର୍ଥିକ ବର୍ଷ ଧରି ସାରା ବିଶ୍ୱର ଅର୍ଥନୀତି କରୋନା ଜନିତ ସମସ୍ୟା ଯୋଗୁଁ ନକାରାତ୍ମକ ସ୍ଥିତିରେ ରହିଥିଲାବେଳେ କରୋନା ପରେ ଭାରତ ସହିତ ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ହେବା ସହ ଏହା କରୋନା ପୂର୍ବବର୍ତ୍ତୀ ଅବସ୍ଥାକୁ ଫେରିବା ବୋଲି ଯାହା ଆଶା କରାଯାଉଥିଲା, ସେଥିରେ ଆଶାଜନକ ଫଳ ମିଳି ପାରିନାହିଁ। ଏହି କ୍ରମରେ ଭାରତ ସହିତ ବିଶ୍ୱ ଅର୍ଥନୀତି ମଧ୍ୟ କିଛିମାତ୍ରାରେ ସାଧାରଣ ଅବସ୍ଥାକୁ ଫେରିଥିଲା, କିନ୍ତୁ ୨୦୨୨ ମସିହାରେ ଋଷିଆ ଦ୍ୱାରା ୟୁକ୍ରେନ ଉପରେ ଆକ୍ରମଣ ବିଶ୍ୱ ଅର୍ଥନୀତିକୁ ପୁଣି ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି। ଏହି ଯୁଦ୍ଧ ଗତ ୨ବର୍ଷରୁ ଅଧିକ ଧରି ଚାଲିଛି। ଏହାଫଳରେ ବିଶ୍ୱ ଅର୍ଥନୀତି ବିଭିନ୍ନ ଆଢୁ ଅନିଶ୍ଚିତ ମଧ୍ୟରେ ଗତି କରୁଛି। ଏଭଳି ଚିନ୍ତାଜନକ ସ୍ଥିତି ସମ୍ପର୍କରେ ରାଉରକେଲାରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଅର୍ଥନୀତି ଦିବସ ପାଳନ ଅବସରରେ ଆଲୋଚନା ହୋଇଯାଇଛି। ମହାବିଦ୍ୟାଳୟର ବାଣିଜ୍ୟ ଓ ଅର୍ଥନୀତି ବିଭାଗର ମିଳିତ ସହଯୋଗରେ ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ମୁଖ୍ୟ ଏମଇଏକେ ନାଗ୍ ଦିବସ ପାଳନର ମୁଖ୍ୟ ପ୍ରସଙ୍ଗ - ବିଶ୍ୱ ଅର୍ଥନୀତିରେ ସାମ୍ପ୍ରତିକ ଚିନ୍ତାଜନକ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ଗ୍ଲାଡ୍‌ସି ବେକ୍ ସ୍ୱାଗତ ଭାଷଣ ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଡ. ବେହେରା ତାଙ୍କ ବକ୍ତବ୍ୟରେ ଦିବସ ପାଳନର ଆବଶ୍ୟକତା ଏବଂ ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ମାୟାଧର ବାରିକ ସାମ୍ପ୍ରତିକ ସମୟର ଅର୍ଥନୀତି ବନାମ ବିଶ୍ୱ ଅର୍ଥନୀତି ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବାଣିଜ୍ୟ ବିଭାଗର ଧିରେନ ମହନ୍ତ ଉପସ୍ଥିତ ଥିଲାବେଳେ ବିଭାଗୀୟ ଅଧ୍ୟାପିକା ରାଜଲକ୍ଷ୍ମୀ ବାରିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅର୍ଥନୀତି ବିଭାଗର ଅଧ୍ୟାପକ ଆଭାଷ ହୋତା, ଯୁଗଜ୍ୟୋତି ମହାନ୍ତିଙ୍କ ସମେତ ଅଧ୍ୟାପିକା ପ୍ରତିମା ମହାନ୍ତି ଏବଂ ମଧୁସ୍ମିତା ମହାପାତ୍ରଙ୍କ ସମେତ ବାଣିଜ୍ୟ ବିଭାଗର ଅଧ୍ୟାପକ ରାମକୃଷ୍ଣ ଗୌଡ଼, ମନୋରଞ୍ଜନ ସେନାପତି ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ବର୍ଗର ଆଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦେଶୀ ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

**ରାଉରକେଲା, ୨୧।୩(ସମିସ):** ସ୍ଥାନୀୟ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ସୋନାପର୍ବତ ଗାଁରେ ଦେଶୀ ମଦ ବିକ୍ରି କରୁଥିବା ସନାତନ ଭୂମିଜ (୪୦) ନାମକ ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଏହାସହ ତାଙ୍କ ନିକଟରୁ ୧୫ ଲିଟର ମହୁଲି ମଦ ଜବତ କରିଥିବା ସୂଚନା ମିଳିଛି।

# ମଳୟ ବଡ଼ନାୟକ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବଣାଇଁ, ୨୧।୩ (ସମିସ):** ବଣାଇଁ ବ୍ଲକ ସରସରା ବଲାଙ୍ଗ ଖେଳପଡ଼ିଆ ଠାରେ ନ୍ୟୁ ଲାଇଫ୍ ଫେଲୋସିପ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ମଳୟ ବଡ଼ନାୟକ ସ୍ମାରକୀ ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟର ଡ. ଭୋଳେଶ୍ୱର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଆଇନଜୀବୀ କର୍ମବୀର ଦାଶ, ବଣାଇଁ ଜିଲ୍ଲାପରିଷଦ ସଭ୍ୟ ବୀର ବିଚିତ୍ର ସେନ ନାୟକ, କ୍ଲବର ପୂର୍ବତନ ସଭାପତି ବିରେନ୍ଦ୍ର ବଡ଼ନାୟକ, ଡ. ରଥ, ଗାଁ କମିଟିର ସଭାପତି ଗଙ୍ଗାଧର ଅଟି, ପ୍ରେମମଞ୍ଜରୀ ବଡନାୟକ, ସତ୍ୟଭାମା ବଡନାୟକ, ସ୍ୱାଗତିକା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବପ୍ରଥମେ ସ୍ୱର୍ଗତଃ ମଳୟ ବଡ଼ନାୟକଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ପ୍ରତିଯୋଗିତାର ଆଖପାଖ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଖେଳରେ ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଦଳ ସହିତ ଏସଏସବିଏଲ ସୁରୁପା ମଧ୍ୟରେ ଖେଳ ହୋଇଥିବାବେଳେ ଏଥିରେ ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଦଳ ବିଜୟୀ ହୋଇଥିଲେ। ଅମ୍ପାୟାର ଭାବେ ତାପସ ରଞ୍ଜନ ସେଠୀ ଏବଂ ବିନୟ ପାତ୍ର ଖେଳକୁ ପରିଚାଳନା କରିଥିବା ବେଳେ କ୍ଲବର ସମ୍ପାଦକ ଦୀପକ ରଞ୍ଜନ ବଡନାୟକ, ନିଗମା ନନ୍ଦ ନାୟକ, ମୁନା ସେଠୀ, ଦିପୁନ କାଳିଆ, ଜଶବନ୍ତ, ଟୁନା, ପଙ୍କଜ, କିରଣ, ବିନୟ, ସଞ୍ଜବ, ନନ୍ଦ, ଲିପୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୨୧।୩(ସମିସ):** ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକବର୍ଗର ପ୍ରଥମବର୍ଷର ଛାତ୍ରୀମାନଙ୍କ ପାଇଁ ଚାଲିଥିବା ସ୍ୱ- ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିବିରର ନୋଡାଲ ଅଧିକାରୀ ଅଧ୍ୟାପିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ର ସ୍ୱ- ଆତ୍ମରକ୍ଷା କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଫେବୃଆରୀ ମାସରୁ ଚାଲିଥିବା ଏହି ଶିବିର ମାଧ୍ୟମରେ ସ୍ନାତକ ବର୍ଗର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଛାତ୍ରୀମାନଙ୍କ ମନୋବଳକୁ ଦୃଢ଼ କରିବାରେ ସହାୟକ ହୋଇଛି ବୋଲି ପ୍ରଫେସର ଡ. ବେହେରା ସୂଚନା ଦେଇଥିଲେ। ପଦାର୍ଥ ବିଜ୍ଞାନର ଅଧ୍ୟାପିକା ତଥା କ୍ଲବ୍‌ର ସଦସ୍ୟା ସନ୍ତୋଷିନୀ ପାତ୍ରଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର କ୍ରୀଡ଼ା ଏବଂ ଶାରୀରିକ ଶିକ୍ଷା ଅଧ୍ୟାପିକା କ୍ୟାପ୍‌ଟେନ ମୀନା ଦାସ ଏବଂ ଯୁକ୍ତ ଦୁଇ ବର୍ଗର ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମମତା ବାକ୍ସଲା ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣକୁ ପରିଚାଳନା କରି ଥିବା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତ ପ୍ରଶିକ୍ଷିକା ଦୁଲାରି ମୁଣ୍ଡାରି, ମହିମା ସୁନ୍ଦରୀ ମଲ୍ଲିକ ଏବଂ ସ୍ୱର୍ଣ୍ଣମିତ୍ର ଦାସ ପ୍ରଶିକ୍ଷଣ ଦେଇଥିଲେ। ରସାୟନ ବିଭାଗର ଅଧ୍ୟାପିକା ଡ ସୋନିଆ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ ଆତ୍ମରକ୍ଷା ସମ୍ପର୍କିତ ଏକ ସୁନ୍ଦର ଡ୍ରାମା ପ୍ରଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଶତାଧିକ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ସ୍ନାତକ ବର୍ଗର ପ୍ରଥମ ବର୍ଷ ଛାତ୍ରୀମାନେ ଯୋଗ ଦେଇଥିଲେ।




# ନିର୍ଯ୍ୟାସ ନ ବାହାରିବାରୁ ଏନ୍‌ଜେସିଏସ୍ ବୈଠକ ନିଷ୍ଫଳ

**ରାଉରକେଲା, ୨୧।୩ (ସମିସ)**

ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସେଲ କର୍ମଚାରୀଙ୍କ ବହୁ ପ୍ରତିକ୍ଷୀତ ବକେୟା ରାଶି ସଂକ୍ରାନ୍ତିୟ ଏନ୍‌ଜେସିଏସ ୍ ସବ୍ କମିଟି ବୈଠକରେ କୌଣସି ନିର୍ଯ୍ୟାସ ନ ବାହାରିବାରୁ ଏହି ବୈଠକ ପୁନର୍ବାର ସେଲ କର୍ମଚାରୀଙ୍କୁ ନିରୁତ୍ସାହିତ କରିଛି। ଏହାପୂର୍ବରୁ ଗତ ଜାନୁଆରୀ ୨୯ ଓ ୩୦ ସେଲ୍‌ଫ ରେ ଧର୍ମଘଟ ଆହ୍ୱାନ ପରେ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶରେ କେନ୍ଦ୍ରୀୟ ଶ୍ରମ ନିର୍ଦ୍ଦେଶକଙ୍କ ବୈଠକରେ ସେଲ୍‌ଫ କର୍ତ୍ତୃପକ୍ଷ ଅଢେଇ ମାସ ଭିତରେ ଦରମା ସଂକ୍ରାନ୍ତିୟ ଏନ୍‌ଜେସିଏସ୍ ଚୂକ୍ତିନାମା ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ମଧ୍ୟରେ ଠିକା ଶ୍ରମିକ ସବ୍‌କମିଟି ବୈଠକ ବସିଥିଲା। ଏରିଅର ସବ୍‌କମିଟି ବୈଠକ ଗତ ମାର୍ଚ୍ଚ ୧୧ ତାରିଖରେ ବସିବା ନିଷ୍ପତ୍ତି ହୋଇଥିବାବେଳେ ଏହାକୁ ଘୁଞ୍ଚାଯାଇ ପୁଣି ୧୯ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। କାରଣ ବୈଠକ ଆରମ୍ଭରୁ କର୍ତ୍ତୃପକ୍ଷ ୩୯ ମାସର ଏରିଅର ସହ ଅଧିକ ୧ଟି ଇନ୍‌କ୍ରିମେଣ୍ଟ ତଥା ଭାଇଜାଗ ଶ୍ରମିକଙ୍କୁ ଦରମା ବୃଦ୍ଧିର ଦେୟ ଦେବାକୁ ସମ୍ପୂର୍ଣ୍ଣ ଭାବରେ ଏଡାଇ ଦେଇଥିଲେ। ବହୁ ଆଲୋଚନା ଓ ପ୍ରତ୍ୟାଲୋଚନା ପରେ ସମସ୍ତ ୟୁନିଅନ ମିଳିତ ଭାବରେ ସେଲ୍‌ଫ କର୍ତ୍ତୃପକ୍ଷଙ୍କର ଶ୍ରମିକ ବିରୋଧି ମନୋଭାବକୁ ବିରୋଧ କରାଯାଇଥିଲା। ୨୦୧୩ ପରେ ଏବଂ ନୂତନ ଶ୍ରମିକମାନଙ୍କୁ ଘରଭଡା ଭତ୍ତା ନ ଦେବା ୨୦୧୨ ଏନ୍‌ଜେସିଏସ୍ ଚୁକ୍ତିନାମା ଅନୁଯାୟୀ ଦରମା ଉପରେ ଘର ଭଡ଼ା ଭତ୍ତା ଇତ୍ୟାଦି ଅବାନ୍ତର ପ୍ରସ୍ତାବ ଦେଇଥିଲେ। ଏହାଛଡା ଯେଉଁମାନେ କମ୍ପାନୀ ଘରେ ରହୁଛନ୍ତି ପ୍ରତି ୧ବର୍ଗ ଫୁଟ୍ ଉପରେ ୨ଟଙ୍କା ବୃଦ୍ଧିରେ ଦରମାରୁ କାଟିବାର ପ୍ରସ୍ତାବ ଦେଇଥିଲେ। ଯାହାକି ବର୍ତ୍ତମାନ ଘରଭଡା ଠାରୁ ପ୍ରାୟ ୧୦ଗୁଣ ଅଧିକ ହେବ। ରାତ୍ରକାଳିନ ଭତ୍ତା ଦିନକୁ ୧୬୦ ଟଙ୍କାରୁ ଅଧିକ ଦେବାକୁ କର୍ତ୍ତୃପକ୍ଷ ମନା କରିଥିଲେ। ଏହାପରେ ସମସ୍ତ ୟୁନିଅନ ଶ୍ରମନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ବିନା ସର୍ତ୍ତରେ ୩୯ ମାସର ଏରିଅର ଗୋଟିଏ ଇନକ୍ରିମେନ୍‌ଟ ଇତ୍ୟାଦି

## ସେଲ୍ କର୍ମଚାରୀ ନିରୁତ୍ସାହିତ

ପ୍ରଦାନ ଦାବି କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରି ନ ଥିଲେ। ଏପରିକି ବେପରୁଆ ଭାବରେ ଏମଓୟୁ ସ୍ୱାକ୍ଷର ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ମଧ୍ୟ ପ୍ରତ୍ୟାହାର କରିଥିଲେ। ଏହାଦ୍ୱାରା ବୈଠକଟି ବିନା ନିଷ୍ପତ୍ତିରେ ଶେଷ ହୋଇଥିଲା। ଯେହେତୁ ନିର୍ବାଚନ ତାରିଖ ଘୋଷଣା କରାଯାଇଛି ଆନ୍ଦୋଳନକୁ ଏଡାଇବାପାଇଁ ଏହିପରି ଷଡଯନ୍ତ୍ର କରାଯାଇଥିବା କୁହାଯାଉଛି। ଇସ୍ପାତ ଶ୍ରମିକଙ୍କର ଏରିଅର ସହିତ ହକ୍ ଦାବି ହାସଲ ପାଇଁ ଗତ ଜାନୁଆରୀ ୨୯ ଓ ୩୦ ତାରିଖର ଧର୍ମଘଟକୁ ଭଣ୍ଡୁର କରିବା ପାଇଁ କେନ୍ଦ୍ର ସରକାର ଓ ସେଲ୍‌ଫ କର୍ତ୍ତୃପକ୍ଷ କେନ୍ଦ୍ର ଶ୍ରମ ନିର୍ଦ୍ଦେଶକଙ୍କ ଦ୍ୱାରା ଯୋଜନା କରିଥିଲେ। ବାରମ୍ବାର ବୈଠକର ତାରିଖ ପରିବର୍ତ୍ତନ କରି ନିର୍ବାଚନ ତାରିଖ ପର୍ଯ୍ୟନ୍ତ ବୈଠକ ବସାଇ କୌଣସି ନିଷ୍ପତ୍ତି କାର୍ଯ୍ୟକାରୀ କରା ନ ଯିବା କ୍ଷୋଭର ବିଷୟ ବୋଲି ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ କୁହାଯାଇଛି। ଏହା ବିରୋଧରେ ଇସ୍ପାତ ଶ୍ରମିକ ଦଳମତ ନିର୍ବିଶେଷରେ ନିଜର ହକ୍ ଦାବି ହାସଲ ପାଇଁ ଲଗାତାର ଧର୍ମଘଟକୁ ଯିବାପାଇଁ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ବରିଷ୍ଠ ଏନ୍‌ଜେସିଏସ୍ ସଭ୍ୟ ବିଷ୍ଣୁ ମହାନ୍ତି ଆହ୍ୱାନ କରିଛନ୍ତି।

# କାନ୍‌ଭାସ୍ ପକ୍ଷରୁ କୁଷ୍ଠ କଲୋନୀରେ ପଖାଳ ବଣ୍ଟନ

**ରାଉରକେଲା, ୨୧।୩(ସମିସ):** ଓଡ଼ିଶାବାସୀଙ୍କ ସ୍ୱାଭିମାନ ତଥା ଓଡ଼ିଆ ଜାତିର ଗର୍ବ କେବଳ ଓଡ଼ିଶା ନୁହେଁ କି ଭାରତ ବର୍ଷ ଆମ ଦେଶ ମଧ୍ୟରେ ସୀମିତ ହୋଇ ରହିନାହିଁ। ଦେଶ ବିଦେଶରେ ଏହି ଦିବସ ବର୍ତ୍ତମାନ ବହୁ ଜନ ପ୍ରିୟ ହୋଇ ଯାଇଥିବା ଦୃଷ୍ଟିରୁ ଅନେକ ଧନୀ ଶ୍ରେଣୀର ବ୍ୟକ୍ତି ତଥା କ୍ଲବ ଓ ଅନୁଷ୍ଠାନ ତଥା ସେମାନଙ୍କ ନିଜ ଗହଣରେ ପଖାଳ ଦିବସ ପାଳନ କରୁଥିବାବେଳେ ରାଉରକେଲା କାନଭାସ ଅନୁଷ୍ଠାନ ପକ୍ଷରୁ ଏହି ଦିବସକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ଏହି ପଖାଳ ଦିବସ କୌଣସି ହୋଟେଲ କିମ୍ବା କ୍ଲବ ତଥା ନିଜ ପରିବାର ବନ୍ଧୁ ବାନ୍ଧବଙ୍କ ଗହଣରେ ପାଳନ କରାଯାଇ ନ ଥିଲା। ବରଂ ପଖାଳର ସୃଷ୍ଟି ଯେଉଁ ଗରିବମାନଙ୍କ ପାଖରୁ ହୋଇଛି, ସେଇ ଗରିବମାନଙ୍କ ପାଖକୁ ଯାଇ ତାକୁ ଏଥିରେ ସାମିଲ କରି ଆପ୍ୟାୟିତ କରିବା ଉଦ୍ଦେଶ୍ୟରେ ଏହି ପଖାଳ ଦିବସ ପାଳିତ ହୋଇଥିଲା। କାନ୍‌ଭାସ ଅନୁଷ୍ଠାନର ମୁଖ୍ୟ ସୁରେଶ ପ୍ରଧାନଙ୍କ ଆହ୍ୱାନ କ୍ରମେ ସେକ୍ଟର - ୨୧ ନୂଆ ବଜାର ସ୍ଥିତ କୁଷ୍ଠ କଲୋନୀରେ ବସବାସ କରୁଥିବା ୨୦୦ରୁ ଉର୍ଦ୍ଧ୍ୱ କୁଷ୍ଠ ଅଧିବାସୀଙ୍କୁ କାନଭାସ ପରିବାର ପକ୍ଷରୁ ସୁସ୍ୱାଦୁ ପଖାଳ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା। ପରିବେଷିତ ବ୍ୟଞ୍ଜନରେ ଦହି ପଖାଳ ଛୁଙ୍କ, ରୋହିମାଛ ଭଜା, ଆଳୁ ଛୁଙ୍କ, ବଡି ଶାଗ ଭଜା, କାକୁଡି ସାଲାଡ୍ ଆଦି ରହିଥିଲା। ଶ୍ରୀ ପ୍ରଧାନ ଭୁବନେଶ୍ୱରରୁ ଥାଇ ବି ତାଙ୍କ ତତ୍ତ୍ୱାବଧାନରେ



କାନ୍‌ଭାସ ପରିବାରର ସଦସ୍ୟମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୟାବଜାରର ପୂର୍ବତନ କାଉନସିଲର ପାର୍ଥସାରଥୀ, ଶକ୍ତିନଗର ଅଞ୍ଚଳର ପୂର୍ବତନ ମନୋଜ, ଅନୁଷ୍ଠାନର ସାଥୀ ଦିଲ୍ଲୀପ ମହାନ୍ତି, ପ୍ରମୋଦ ସାମଲ, ଦେବାଶିଶ, ସାଇ, ରଞ୍ଜିତ, ମାଣିକ ଲାଲ, ରାଜା ରାୟ, ପ୍ରଭୁ ପାତ୍ର ପ୍ରମୁଖ ସହାୟତା କରିଥିଲେ।

# ରେମଣ୍ଡା ପଞ୍ଚାୟତରେ ସ୍ଥାପିତ ହେବ ସ୍ୱାସ୍ଥ୍ୟ ଉପକେନ୍ଦ୍ର

**● ପଡ଼ୋଶୀ ମଙ୍ଗସପୁର ପଞ୍ଚାୟତରେ ଅଛି ୩ ସ୍ୱାସ୍ଥ୍ୟକେନ୍ଦ୍ର**

**ସୁନ୍ଦରଗଡ଼, ୨୧।୩(ସମିସ)**



ପଡ଼ୋଶୀ ପଞ୍ଚାୟତରେ ୩ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଥିବାବେଳେ ନିଜ ପଞ୍ଚାୟତରେ ଗୋଟିଏ ବି ନାହିଁ। ଏହି ପଞ୍ଚାୟତର ଲୋକଙ୍କୁ ଅନେକ ଦୂର ପଡ଼ୋଶୀ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଯିବାକୁ ପଡୁଛି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରେମଣ୍ଡା ପଞ୍ଚାୟତରେ।

ରେମଣ୍ଡା ପଞ୍ଚାୟତ ମଙ୍ଗସପୁର ପଞ୍ଚାୟତ ଅଧୀନରେ ରହିଥିଲା। ପରବର୍ତ୍ତି ସମୟରେ ୨୦୦୨ ମସିହାରେ ଏହି ମଙ୍ଗସପୁର ପଞ୍ଚାୟତର ରେମଣ୍ଡା, ଅବନକେଲା, ନଦୀସୁଗୁଡା ଓ ଏର୍ଗାପିଟା ରାଜସ୍ୱ ଗ୍ରାମକୁ ନେଇ ନୂତନ ରେମଣ୍ଡା ପଞ୍ଚାୟତ ଗଠିତ ହୋଇଛି। ଉକ୍ତ ନୂତନ ଗ୍ରାମ ପଞ୍ଚାୟତରେ ଗୋଟିଏ ବି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନାହିଁ। ଅବିଭକ୍ତ ମଙ୍ଗସପୁର ପଞ୍ଚାୟତ କାଳରେ ରେମଣ୍ଡା ଅଞ୍ଚଳ ପ୍ରତି ଅଣଦେଖା କରାଯାଇ ଏବେକାର ମଙ୍ଗସପୁର ପଞ୍ଚାୟତ ଅଞ୍ଚଳରେ ହିଁ ତିନୋଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ କରା ଯାଇଥିଲା। ମଙ୍ଗସପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନରେ ମଙ୍ଗସପୁର ଓ କୁର୍ଲା ରାଜସ୍ୱ ଗ୍ରାମ ରହିଛି। ସେହିପରି ଧଉଁରାଅଢା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନରେ ଧଉଁରାଅଢା ଓ ରେଣ୍ଡା ରାଜସ୍ୱ ଗ୍ରାମ ରହିଥିବା ବେଳେ ଦଳଦଳି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଅଧୀନରେ ଦଳଦଳି ରାଜସ୍ୱ ଗ୍ରାମ ସହ ପରବର୍ତ୍ତୀ ରେମଣ୍ଡା ପଞ୍ଚାୟତ ଅଞ୍ଚଳ ସମସ୍ତ ଗ୍ରାମକୁ ଏହା ଅଧୀନରେ ରଖା ଯାଇଥିଲା। ଏହି ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଆବଶ୍ୟକତା ରହିଥିଲେ ହେଁ ଏଥିପ୍ରତି ଅଣଦେଖା କରା ଯାଇଥିଲା। ନୂତନ ରେମଣ୍ଡା ପଞ୍ଚାୟତ ଗଠିତ ହେବା ପରେ ବି ଅଞ୍ଚଳ ପ୍ରତି ଧ୍ୟାନ ଦିଆ ଯାଉ ନ ଥିଲା। ନୂତନ ପଞ୍ଚାୟତ ଗଠନ ସତ୍ୱେ ରେମଣ୍ଡା ପଞ୍ଚାୟତର ଲୋକେ ପୂର୍ବବତ୍ ଦଳଦଳି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଯିବାକୁ ବାଧ ହେଉଥିଲେ। ନିଜ ପଞ୍ଚାୟତରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ପାଇଁ ସେମାନେ ଦାବି କରି ଆସୁଥିଲେ ହେଁ ତାଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରୁ ନ ଥିଲେ। ନୂତନ ପଞ୍ଚାୟତ ଗଠନର ଦୀର୍ଘ ୨୨ ବର୍ଷ ପରେ ସମ୍ପ୍ରତି ଏହି ପଞ୍ଚାୟତରେ ଏକ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିବାକୁ ସରକାରୀ ନିଷ୍ପତ୍ତି ହୋଇଛି। ଏହା ଜଣାପଡ଼ିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟ ଆଶ୍ୱସ୍ତି ପ୍ରକାଶ ପାଇଛି।

**ଅଚଳ ଟ୍ରକ୍ ପଛକୁ ପିଟିଲା ବାଇକ୍**

# ୨ ମୃତ, ଜଣେ ଗୁରୁତର



**ସୁନ୍ଦରଗଡ଼, ୨୧।୩(ସମିସ):** ଲେଫ୍ରିପଡ଼ା ଥାନା ସୁର୍ଗୁଡା-ଲେଫ୍ରିପଡ଼ା ମଝି ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ରାତି ୮ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା।

ସୂଚନା ଅନୁସାରେ ଘଟଣାସ୍ଥଳରେ ଚାରି ଦିନ ତଳୁ ଲେଫ୍ରିପଡ଼ା ପଟେ ଯାଉଥିବା ଏକ ଦଶ ଚକିଆ ଟ୍ରକ୍ ଅଚଳ ହୋଇ ପଡ଼ି ରହିଥିଲା। ଏହାର ମରାମତି ପାଇଁ କେତେକ ସାମଗ୍ରୀ ଖୋଲା ଯାଇଥିଲେ ହେଁ ଟ୍ରକକୁ ଅନ୍ୟତ୍ର ହଟା ଯାଇ ନ ଥିଲା। ଜଣେ ଯୁବକ ମା' ଝିଅଙ୍କୁ ତାଙ୍କ ବାଇକ୍‌ରେ ବସାଇ ଲୋକଡେଗାରୁ ଦର୍ଲିଡିପାକୁ ଯାଉଥିଲେ। ବାଇକ୍‌ର ଲାଇଟ ଭଲ ଦେଖା ଯାଉ ନ ଥିବା ବେଳେ ତାଙ୍କ ଅସାବଧାନତା କ୍ରମେ ବାଇକ୍‌ଟି ଉକ୍ତ ଅଚଳ ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା। ଏଥିରେ ସେମାନେ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଖବର ପାଇ ପୁଲିସ ଏବଂ ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ତେବେ ଉକ୍ତ ଯୁବକ ଏବଂ ବୃଦ୍ଧାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୁଲିସ ମୃତକଙ୍କ ଶବ ଜବତ କରି ଡାକ୍ତରଖାନାର ମର୍ଗ ହାଉସରେ ସଂରକ୍ଷିତ ରଖିଥିବାବେଳେ ଆହତ ମହିଳା ଜଣକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣା ପଡ଼ିନାହିଁ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏ ନେଇ ଥାନାରେ ବିଧିବଦ୍ଧ ଭାବେ ଏତଲା ହୋଇ ନ ଥିବା ଜଣାପଡ଼ିଛି।

# ଅଦିନିଆ ବର୍ଷାରେ ବ୍ୟାପକ ଫସଲହାନୀ; ଚାଷୀ ମୁଣ୍ଡରେ ଚଡ଼କ



**ସୁନ୍ଦରଗଡ଼, ୨୧।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ ଚାରି ଦିନ ଧରି ଅଦିନିଆ ଲଗାଣ ବର୍ଷା ଯୋଗୁଁ ବ୍ୟାପକ ଫସଲହାନୀ ଘଟିଛି। ଖରିଫ ଧାନ ଅମଳ ପରେ ଚାଷୀମାନେ ବିଭିନ୍ନ ପନି ପରିବା ଚାଷ କରିଛନ୍ତି। ଜଳସେଚନ ସୁବିଧା ଥିବା ଗ୍ରାମର ବହୁ ଚାଷୀ ଧାର କରଜ କରି ନିଜ ବିଲ ବାଡିରେ ଏକର ଏକର ପନି ପରିବା ଲଗାଇଛନ୍ତି। ଏହି ଚାଷ ମଧ୍ୟରେ ଆଳୁ, ପିଆଜ, ବାଇଗଣ, ଟମାଟୋ, ଭେଣ୍ଡି, କଲରା, ଫୁଲ କୋବି, ବନ୍ଧା କୋବି, କାକୁଡି, ମୁଗ, ଚଣା, ଚିନାବାଦାମ ଆଦି ଅନେକ କିସମ ରହିଛି। ତେବେ ଲଗାଣ ବର୍ଷାରେ କିଆରୀରେ ପାଣି ଜମି ରହିବା ଯୋଗୁଁ ପଚି ସଢି ଯାଉଛି। ଫଳରେ ଚାଷୀ ମୁଣ୍ଡରେ ଅକାଳ ଚଡକ ପଡ଼ିଛି। ସେମାନେ କିପରି ଋଣ ପରିଶୋଧ କରିବେ ଚିନ୍ତା ଘାରିଛି। ଅପରପକ୍ଷରେ, ପନି ପରିବା ଚାଷ ନଷ୍ଟ ହେବା ଯୋଗୁଁ ଆଗାମୀ ଦିନରେ ଦର ଆକାଶ ଛୁଆଁ ହେବାର ସମ୍ଭାବନା ରହିଛି।

# ବୃଦ୍ଧଙ୍କ ଅପମୃତ୍ୟୁ ଅଭିଯୋଗ

**ସୁନ୍ଦରଗଡ଼, ୨୧।୩(ସମିସ):** ଭଶ୍ମା ଥାନା ଅନ୍ତର୍ଗତ ନଦୀସୁଗୁଡା ଗ୍ରାମର ନକୁଳ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଅପମୃତ୍ୟୁ ଘଟିଛି। ଆଜି ନକୁଳ ହଠାତ୍ ଅସୁସ୍ଥ ହୋଇ ସଜ୍ଞାହୀନ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମଙ୍ଗସପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଫୋନ ଯୋଗେ ପୁଲିସକୁ ଜଣାଇଛନ୍ତି। ମାତ୍ର ଏ ନେଇ ଡାକ୍ତରଖାନାରୁ ଥାନାକୁ ଏମ୍ଏଲସି ଆସି ନ ଥିବା ପୁଲିସ କହିଛି।

# ବାଇକ୍ ଡିକି ଭାଙ୍ଗି ଟଙ୍କା ଚୋରି

**ସୁନ୍ଦରଗଡ଼, ୨୧।୩(ସମିସ):** ଗୁରୁବାର ଅପରାହ୍ନରେ ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ କଚେରି ରୋଡରୁ ବାଇକ୍ ଡିକି ଭାଙ୍ଗି ଚୋରି ଅଭିଯୋଗ ହୋଇଛି। କିଞ୍ଜିରକେଲାର ସ୍ଥାନୀୟ ଉତ୍ସବ ହୋଟେଲ ପ୍ରାଙ୍ଗଣରେ ତାଙ୍କ ବାଇକକୁ ରଖିଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଏଥିରେ ଥିବା ୧୪ ହଜାର ଟଙ୍କା ଚୋରାଇ ନେଇଛି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପୂର୍ତ୍ତ ଡାକବଙ୍ଗଳା ଛାଡ଼ିଲେ ତହସିଲଦାର



**'ସକାଳ' ପ୍ରଭାବ**

**ସୁନ୍ଦରଗଡ଼/ହେମଗିରି, ୨୧।୨(ସମିସ):** ହେମଗିରି ତହସିଲଦାର ଲାବନେନ୍ଦ୍ର୍ୟ ମହାନ୍ତିଙ୍କ ମନମୁଖୀ କାର୍ଯ୍ୟ ତଥା ନାଲି ଦେଖାଇ ହେମଗିରି ପୂର୍ତ୍ତ ଡାକ ବଙ୍ଗଳାକୁ ମାଡି ବସିବା ନେଇ ଗୁରୁବାର 'ସକାଳ'ରେ ପ୍ରକାଶ ପାଇବା ପରେ ସେ ଉକ୍ତ ବଙ୍ଗଳା ଛାଡିଛନ୍ତି। ଉକ୍ତ ଡାକ ବଙ୍ଗଳାରେ ଥିବା ତାଙ୍କ ଆସବାବପତ୍ର ସବୁ ଅତିଥି କକ୍ଷରୁ ହଟାଇ ଷ୍ଟୋର ରୁମରେ ରଖାଇଛନ୍ତି। ତହସିଲାଦର ଶ୍ରୀ ମହାନ୍ତି ଏଠାରେ ଯୋଗଦାନ କରିବା ଦିନ ଠାରୁ ଏହି ଡାକ ବଙ୍ଗଳାକୁ ମାଡ଼ି ବସିଥିଲେ। ବଙ୍ଗଳା ଖାଲି ରହୁ ନ ଥିବାରୁ ପୂର୍ତ୍ତବିଭାଗ ଅଧିକାରୀମାନେ ସମସ୍ୟା ଭୋଗି ଆସୁଥିଲେ। ବିଭାଗୀୟ କର୍ମଚାରୀମାନେ ତାଙ୍କୁ ବଙ୍ଗଳା ଛାଡ଼ିବାକୁ କହିଲେ ସେ ନାଲିଆଖି ଦେଖାଉ ଥିଲେ। ଫଳରେ ପୂର୍ତ୍ତବିଭାଗ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା।

# ପରକୀୟା ପ୍ରୀତିରେ ପଡ଼ି ପତ୍ନୀ ନିର୍ଯାତନା

**ସୁନ୍ଦରଗଡ଼, ୨୧।୩(ସମିସ):** ହେମଗିରି ଥାନା ଅନ୍ତର୍ଗତ କୋଡବାହାଲ ଗ୍ରାମର ଜଣେ ଯୁବକ ପରକୀୟା ପ୍ରୀତିରେ ପଡ଼ି ତାଙ୍କ ପତ୍ନୀଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ଜଣକ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୋଡବାହାଲ ଗ୍ରାମର ଲିଙ୍ଗରାଜ ଉର୍ମାଲଙ୍କ ପତ୍ନୀଙ୍କ ସହ ୨ ଝିଅ ରହିଛନ୍ତି। ତଥାପି ସେ ଅନ୍ୟ ଜଣେ ମହିଳାଙ୍କ ପ୍ରେମରେ ପଡ଼ି ତାଙ୍କ ସହିତ ଗର୍ଜନବାହାଲରେ ରହି ଆସୁଛନ୍ତି। ତାଙ୍କ ପତ୍ନୀ ଏହାର ବିରୋଧ କଲେ ଶାରିରୀକ ମାନସିକ ନିର୍ଯ୍ୟାତନା ଦେଇ ଆସୁଛନ୍ତି। ପତ୍ନୀ କନ୍ୟାଙ୍କ ଦେଖାଶୁଣା କରୁ ନାହାନ୍ତି। ଏଥିରେ ସେ ଅତିଷ୍ଠ ହୋଇ ପରିଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼/ବାଲିଶଙ୍କରା: ୨୧।୩(ସମିସ):** ଗତ ୧୯ ତାରିଖରୁ ନିଖୋଜ ଥିବା ତଳସରା ଥାନା ଅଧୀନ ଲୁଲକିଡିହି ଗ୍ରାମର ଜଣେ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ଖମପୁର ଗ୍ରାମର ଏକ ପଳାସ ଗଛରେ ମୃତଦେହ ଝୁଲୁଥିଲା। ତାଙ୍କ ବେକରେ ଗାମୁଛାରେ ଫାଶି ଲାଗିଥିବା ଦେଖିବାକୁ ମିଳିଥିଲା। ଖମପୁର ଗ୍ରାମର ଲୋକେ ଚିହ୍ନି ପାରି ନ ଥିଲେ। ସ୍ଥାନୀୟ ସରପଞ୍ଚ ମୀନା ଦିଶାରି ଏ ନେଇ ଥାନାରେ ଅଭିଯୋଗ କରିବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ସରପଞ୍ଚଙ୍କ ଅଭିଯୋଗ ଆଧାରରେ ଅପମୃତ୍ୟୁ ମାମଲା ରୁଜୁକରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନରେ ଶବାଗାରରେ ମୃତଦେହ ସଂରକ୍ଷିତ ରଖିଥିଲା। ପରେ ପରିବାର ଲୋକେ ଡାକ୍ତରଖାନା ଆସି ମୃତଦେହ ଚିହ୍ନଟ କରିଥିଲେ। ଏହା ପରେ ଉକ୍ତ ମୃତ ଦେହଟି ଲୁଲୁକିଡିହି ଗ୍ରାମର ଢେଲୁ ମୁଣ୍ଡଙ୍କ ପୁଅ ଦାମୋଦର ମୁଣ୍ଡା ବୋଲି ଜଣାପଡ଼ିଥିଲା। ଏକଜ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦାମୋଦର ଢେଲୁଙ୍କ ସାନ ପୁଅ ହୋଇଥିବାବେଳେ ତାଙ୍କ ପତ୍ନୀ ଓ ଦୁଇ ପୁଅ ଝିଅ ରହିଛନ୍ତି। ତିନି ବର୍ଷ ପୂର୍ବେ ତାଙ୍କ ପତ୍ନୀ ପୁଅ ଝିଅଙ୍କୁ ନେଇ ନିଜ ବାପ ଘର ଝାରଖଣ୍ଡର ଝେନେମା ଗ୍ରାମକୁ ଚାଲି ଯାଇଛନ୍ତି। ଫଳରେ ଦାମୋଦରଙ୍କ ମାନସିକ ଅବସ୍ଥା ଭଲ ନ ଥିଲା। ସମ୍ଭବତଃ ଏହି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି।

# ମାଓପ୍ରବଣ ଅଞ୍ଚଳକୁ ପୁଲିସର ମାରାଥନ୍ ଗସ୍ତ

**ଚନ୍ଦାହାଣ୍ଡି,୨୧।୩(ସମିସ)**



ନବରଙ୍ଗପୁର ଜିଲ୍ଲା ଝରିଗାଁ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ଚନ୍ଦାହାଣ୍ଡି ବ୍ଲକର ମାଓବାଦୀପ୍ରବଣ ଅଞ୍ଚଳରେ ଚଳିତ ସାଧାରଣ ନିର୍ବାଚନ-୨୦୨୪କୁ ଅବାଧ ଏବଂ ନିରପେକ୍ଷ ଭାବେ କରାଇବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥିପାଇଁ ପୁଲିସ ମାଓବାଦୀପ୍ରବଣ ଅଞ୍ଚଳରେ ମରାଥନ ଗସ୍ତ ଆରମ୍ଭ କରିଛି। ଜିଲ୍ଲାର ଉମରକୋଟ, ରାଇଘର, ଝରିଗାଁ ସମେତ ଚନ୍ଦାହାଣ୍ଡି ବ୍ଲକ୍ ଏକ ସୀମାନ୍ତବର୍ତ୍ତୀ ଅଞ୍ଚଳ ହୋଇଥିବାବେଳେ ଅଞ୍ଚଳର କିଛି ସ୍ଥାନ ମାଓପ୍ରବଣ ଓ ଦୁର୍ଗମ ଅଞ୍ଚଳ ରହିଛି। ଏଠାକାର ବହୁ ବୁଥ୍ ଅତି ସମ୍ବେଦନଶୀଳ ହୋଇଥିବାରୁ ପୁଲିସ ଓ ପ୍ରଶାସନ ପାଇଁ ତାହା ଏକ ଚ୍ୟାଲେଞ୍ଜ ସଦୃଶ ହୋଇ ପଡ଼ିଛି। ଉମରକୋଟ ଏସଡିପିଓ ମଧୁଶିକ୍ତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ଚାରି ବ୍ଲକରେ ଥିବା ଅତି ସମ୍ବେଦନଶୀଳ ବୁଥମାନଙ୍କ ରୂପରେଖ ତିଆରି କରି ବାରମ୍ବାର ଗସ୍ତ କରୁଥିବାର ଦେଖାଯାଇଛି। ସୀମାନ୍ତ ଅଞ୍ଚଳରେ ଥିବା ଥାନା ଅଞ୍ଚଳରେ ଏବେଠାରୁ ପୁଲିସ ପକ୍ଷରୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବା ସହ ପୁଲିସ ବାହିନୀର ଗସ୍ତ ଦେଖିବାକୁ ମିଳୁଛି। ଚନ୍ଦାହାଣ୍ଡି ବ୍ଲକଟି ପଡ଼ୋଶୀ ଛତିଶଗଡ଼ ସୀମାନ୍ତକୁ ଲାଗି ରହିଥିବାରୁ ଏବଂ ତାହା ଏକ ମାଓପ୍ରବଣ, ଘାଟି ଓ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏବେଠାରୁ ପୁଲିସ ପକ୍ଷରୁ ଉକ୍ତ ସ୍ଥାନ ଉପରେ କଡ଼ା ନଜର ରଖାଯାଇଥିବା ଦେଖାଯାଇଛି। ଏସଡିପିଓ ଶ୍ରୀମତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଥାନା ଅଞ୍ଚଳ ସହ ସୀମାନ୍ତ ଅଞ୍ଚଳରେ ମଦ କାରବାର ବନ୍ଦ ସହ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରାଯାଉଛି। ମାଓବାଦୀପ୍ରବଣ ଅଞ୍ଚଳରେ ଥିବା ବୁଥଗୁଡ଼ିକରେ ଭୋଟର ଯେପରି କୌଣସି ଭାବେ ପ୍ରଭାବିତ ନ ହୁଏ, ସେଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ କୌଣସି ରାଜନୈତିକ ଦଳ ଯେପରି ସାଧାରଣ ଜନତାଙ୍କୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀର ପ୍ରଲୋଭନ ଦେଖାଇ ପ୍ରଭାବିତ କରି ନ ପାରନ୍ତି ତାହା ଉପରେ ନଜର ରଖାଯିବା ସହ ସମ୍ପୃକ୍ତ ଅଞ୍ଚଳର ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅବାଧ ଓ ସୁରୁଖୁରୁରେ ନିର୍ବାଚନ କରିବା ପାଇଁ ସାଧାରଣ ଜନତାଙ୍କୁ ମଧ୍ୟ ସହଯୋଗ କରିବା ପାଇଁ ଏସଡିପିଓ ଅନୁରୋଧ କରିଛନ୍ତି। ପୁଲିସର ଏହି ପ୍ରସ୍ତୁତି କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୋହ୍ଲାର୍ସ, ଏସ୍ଆଇ ଖଗେଶ୍ୱର ଖୋସଲାଙ୍କ ସମେତ ଗୃହରକ୍ଷୀ ଓ ଅନେକ ପୁଲିସ କର୍ମଚାରୀ ସାମିଲ ଥିଲେ।

# ଆପୋଲୋ ହସ୍ପିଟାଲ ପକ୍ଷରୁ ଟ୍ରାଫିକ ସଚେତନତା




**ରାଉରକେଲା, ୨୧।୩(ସମିସ):** ରାଉରକେଲା ଚାମ୍ବର ଅଫ୍ କମର୍ସ ଆନୁକୂଲ୍ୟରେ ଆପୋଲୋ ହସ୍ପିଟାଲ ପକ୍ଷରୁ ଯୁବଗୋଷ୍ଠୀଙ୍କ ନିମନ୍ତେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଚାମ୍ବର ଅଫ୍ କମର୍ସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଚାମ୍ବର ଅଫ୍ କମର୍ସ ସଭାପତି ସୁନୀଲ କାୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଯୁବକମାନଙ୍କୁ ସେମାନଙ୍କ ସାଥୀମାନଙ୍କୁ ଶିକ୍ଷା ଦେବା ପାଇଁ ଉତ୍ସାହିତ କରାଯିବା ଉଚିତ୍। ସେମାନଙ୍କର ନିଜସ୍ୱ ଆକ୍ସନ୍ ଗ୍ରୁପ୍ ଗଠନ ପାଇଁ ଉତ୍ସାହିତ, ଏବଂ ପିତାମାତାମାନେ ମଧ୍ୟ ବହୁତ ଛୋଟ ପିଲାମାନଙ୍କୁ ହାଇ ସ୍ପିଡ୍ ବାଇକ୍ ଦେବା ଠାରୁ ଦୂରେଇ ରହିବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଆପୋଲୋ ହସ୍ପିଟାଲ୍‌ର ନ୍ୟୁରୋ ସର୍ଜନ ଡ. ଆୟୁଷ୍ମାନ ଶତପଥୀ, କହିଲେ ଗାଡି ଚାଳନାବେଳେ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ଟ୍ରାଫିକ ନିୟମ ମାନିବା ଉଚିତ୍। ଡ. ମହମ୍ମଦ ଅରମାନ କହିଥିଲେ ଯେ ଆଗାମୀ ବର୍ଷରେ ଯେପରି ଶୂନ ଯାନବାହାନ ଦୁର୍ଘଟଣା ହେବ ଏବଂ ଦୁଇ ଚକିଆ ଯାନବାହାନରେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଇବ ତାଉପରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଉରକେଲା ଚାମ୍ବର ଅଫ୍ କମର୍ସ ସମ୍ପାଦକ ପ୍ରଭାତ ତ୍ରିବ୍ରୱାଲ କହିଛନ୍ତି ବାଇକ ଚଳେଇବା ବେଳେ ହେଲମେଟ ପିନ୍ଧିବା ସହ ମଦ୍ୟପାନ କରିବା ଉଚିତ ନୁହେଁ। ସୂଚନାଯୋଗ୍ୟ ଯେ ୨୦୨୧ ମସିହାରେ ଓଡ଼ିଶାରେ ୫୦୫୮ ସଡକ ଦୁର୍ଘଟଣାରେ ମୃତ୍ୟୁଘଟିଥିବା ବେଳେ ୨୦୨୩ ମସିହାରେ ୫୬୯୬କୁ ବୃଦ୍ଧି ପାଇଛି। ମୃତ୍ୟୁର ପ୍ରାୟ ୫୦ ପ୍ରତିଶତ ଅର୍ଥାତ୍ ୨୫୦୦ ଦୁଇ ଚକିଆ ଚାଳକ ବୋଲି ସୂଚନା ମିଳିଛି। କେବଳ ଦ୍ରୁତ ଗତିର ବାଇକ ଚାଳନା, ମଦ୍ୟପାନ କରି ଡ୍ରାଇଭିଂ ଏବଂ ହେଲମେଟ ନ ପିନ୍ଧି ଡ୍ରାଇଭିଂ ଯୋଗୁଁ ଏପରି ଦୁର୍ଘଟଣା ଘଟିଥିବା ଆକଳନ କରାଯାଇଛି। ରାଉରକେଲା ଚାମ୍ବର ଅଫ କମର୍ସର ଉପସଭାପତି ନରେଶ ଆର୍ଯ୍ୟ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ସମଗ୍ର କାର୍ଯ୍ୟନିର୍ବାହୀ କମିଟି ଅଂଶଗ୍ରହଣ କରିଥିଲେ।

**ଜିଲ୍ଲାସ୍ତରୀୟ ବିଶ୍ୱ ବନଦିବସ ପାଳିତ**

# ଜଙ୍ଗଲ ଓ ପରିବେଶ ସୁରକ୍ଷା ନିମନ୍ତେ ଶପଥ




**ସୁନ୍ଦରଗଡ଼, ୨୧।୩(ସମିସ)**

ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବନଖଣ୍ଡ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ସଭାରେ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ ସଭାପତିତ୍ୱ କରି ସୁନ୍ଦରଗଡ଼ ବନଖଣ୍ଡ ଅଧୀନରେ ବନ ସୁରକ୍ଷା ସମିତିସ୍ତରରେ ଗ୍ରାମାଞ୍ଚଳରେ ଶୁଖିଲା ପତ୍ର, ନଡା, ଗୋବର ଏବଂ ପେଜକୁ ବ୍ୟବହାର କରି ଜାଳେଣୀ ନିମନ୍ତେ କିଭଳି ପରିବେଶ ଉପଯୋଗୀ ପ୍ରସ୍ତୁତ କରାଯାଇ ବ୍ୟବହାର କରା ଯାଉଛି, ଯଦଦ୍ୱାରା ବନାଗ୍ନି ନିୟନ୍ତ୍ରଣ ସହିତ ଜଙ୍ଗଲ କ୍ଷୟରେ ରୋକ ଲାଗୁଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ୍‌ବ୍ୟତୀତ ବନ ବିଭାଗ ଅଧୀନରେ ବନ ସୁରକ୍ଷା ସମିତିର ସଦସ୍ୟ ଏବଂ ସଦସ୍ୟାମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି ଏକାଭିମୁଖୀତା କାର୍ଯ୍ୟକ୍ରମ ମାଧ୍ୟମରେ ଛତୁ ଚାଷ, ଜିଆ ଉତ୍ପାଦନ, ପନିପରିବା ଚାଷ, କୁକୁଡ଼ା ପାଳନ, ଗୋ ପାଳନ ଏବଂ ବନଜାତ ସାମଗ୍ରୀର ବଜାରୀକରଣ ନିମନ୍ତେ ନିଆ ଯାଉଥିବା ପଦକ୍ଷେପ ଏବଂ ଏହାର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ସହକାରୀ ବନସଂରକ୍ଷକ ସମ୍ବିତ ପଣ୍ଡା ବିଶ୍ୱ ବନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ବିସ୍ତୃତ ଭାବେ ଅବଗତ କରିବା ସହ ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ନିମନ୍ତେ ବନଖଣ୍ଡ ଅଧୀନରେ ସମ୍ପାଦନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ହରିହର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଜୟ କୁମାର ବରାଡ, ଡିଆଇବି ଡିଏସ୍‌ପି ସୋମନାଥ ଜେନା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଙ୍କ ପ୍ରତିନିଧି ଦମୟନ୍ତୀ ନାୟକ, ଜଳବିଭାଜିକା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପ୍ରତିନିଧି, ବନାଞ୍ଚଳ ଅଧିକାରୀ, ବନପାଳ ଏବଂ ବନରକ୍ଷୀ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ମାନସ ମୁର୍ମୁ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଦେଇଥିଲେ।

